## ୧୦୩ ଗୋରୁ ଉଦ୍ଧାର, ଜଣେ ଅଟକ

**ସିମୁଳିଆ, (ଡି.ଏନ୍.ଏ.):** ରବିବାର ଜାତୀୟ ରାଜପଥରୁ ସିମୁଳିଆ ପୋଲିସ ୬ଟି ପିକ୍‌ଅପ୍ ଭ୍ୟାନରୁ ବେଆଇନ ଭାବେ ଚାଲାଣ ହେଉଥିବା ୧୦୩ ଗୋରୁ ଉଦ୍ଧାର କରିଛି। ଉଦ୍ଧାର ଗୋରୁଗୁଡ଼ିକୁ ମଇତାପୁରସ୍ଥିତ ରୁଦ୍ରାଶ୍ରମ ଗୋଶାଳାକୁ ହସ୍ତାନ୍ତର କରିଛି। ଏହି ପିକ୍‌ଅପ୍ ଭ୍ୟାନଗୁଡ଼ିକର ସମସ୍ତ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ଜଣେ ଚାଳକଙ୍କୁ ପୋଲିସ ଅଟକ ରଖି ଏକ ମାମଲା (ନଂ.୧୪/୨୧) ରୁଜୁ କରିଛି।

# ସଂକ୍ଷେପରେ

## ସରିଲା ମକରମିଳନ

**ବାରିପଦା ଅଫିସ,୧୭।୧:** ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ସାରସକ୍ଷେତ୍ର ଭାବେ ପରିଚିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନନ୍ଦିଘୋଷ ସାହିତ୍ୟ ସମାଜ ପକ୍ଷରୁ ୨୭ତମ ମକରମିଳନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉପେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ମଙ୍ଗଳ ସିଂ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଶିକ୍ଷକ ବିଭୂତି ପ୍ରତିହାରୀ ଏବଂ ଶୀର୍ଷା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭରତଚନ୍ଦ୍ର ମହାନ୍ତ, ନିରୋଜ କୁମାର ମହାନ୍ତ, ମୁଖ୍ୟବକ୍ତା ଭାବେ ପଣ୍ଡିତ ଭାବଗବତ ପ୍ରସାଦ ପଣ୍ଡା ଯୋଗଦେଇ ବାର୍ଷିକ ସାହିତ୍ୟ ପତ୍ରିକା 'ମକରମଣ୍ଡା'କୁ ଲୋକାର୍ପିତ କରିଥିଲେ। ଉତ୍ସବରେ ଅରୁନ୍ଧତୀ କାବ୍ୟର ସ୍ରଷ୍ଟା ପରମାନନ୍ଦ ସାହୁଙ୍କୁ ଚଳିତ ବର୍ଷର ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଫେସ୍‌ବୁକରେ ମନ୍ତବ୍ୟ ଦେଇ ଯୁବକ ଗିରଫ

**ଆରଡ଼ି, ୧୭।୧(ଡି.ଏନ.ଏ.):** ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ ସାହାସପୁର ଗାଁର ରାମଚନ୍ଦ୍ର ମହାଳିକ ନାମକ ଜଣେ ଯୁବକଙ୍କୁ ଫେସବୁକରେ ହିନ୍ଦୁ ବିରୋଧୀ ମନ୍ତବ୍ୟ ଲେଖିବା ଅଭିଯୋଗରେ ପୋଲିସ ରବିବାର ଗିରଫ କରିଛି। ସୂଚନା ଅନୁଯାୟୀ, ରାମଚନ୍ଦ୍ର ବିଭିନ୍ନ ସମୟରେ ଫେସ୍‌ବୁକରେ ହିନ୍ଦୁ ଦେବଦେବୀ ଓ ହିନ୍ଦୁ ବିରୋଧୀ ମନ୍ତବ୍ୟ ଦେଉଥିଲେ। ଭାଜପା, ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଏ ସଂକ୍ରାନ୍ତରେ ଭଦ୍ରକ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଧୁଷୁରୀ ପୋଲିସ ଆରଡ଼ିରୁ ରାମଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଧୁଷୁରୀ ଥାନାରେ ମାମଲା (ନଂ.୧୦/୨୧) ରୁଜୁ ହୋଇଛି।

## ପୋଲିସ ଗାଡ଼ି ପୋଡ଼ି ଘଟଣା: ଆଉ ୨ ଗିରଫ

**ଭଦ୍ରକ ଅଫିସ,୧୭।୧:** ଭଦ୍ରକ ଜିଲା ତିହିଡ଼ି ପୋଲିସକୁ ଆକ୍ରମଣ ଓ ଗାଡ଼ି ପୋଡ଼ି ଘଟଣାରେ ରବିବାର ଆଉ ୨ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କୁ ମିଶାଇ ଗିରଫ ସଂଖ୍ୟା ୮ରେ ପହଞ୍ଚିଛି। ଗିରଫ ଦୁଇ ବ୍ୟକ୍ତି ହେଲେ ଗଣେଶ ମଳିକ ଓ ସୁଶାନ୍ତ ମହାଳିକ।

ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ତିହିଡ଼ି ପୋଲିସ ଗତ ଶୁକ୍ରବାର ହାଟୁଆରି ଓ ଜିଆରପୁର ଗ୍ରାମର ୬ ଜଣଙ୍କୁ ଗିରଫ କରିଥିଲା। ତିହିଡ଼ି ଥାନା ଅଧୀନ ନୟାନନ୍ଦ ପଞ୍ଚାୟତ ହାଟୁଆରି ଗ୍ରାମର ଦିବ୍ୟାଙ୍ଗ ଯୁବକ ବାପି ମହାଳିକଙ୍କ ମୃତ୍ୟୁକୁ ନେଇ ଗତ ବୁଧବାର ଅଲ୍ଲାନଗର ଛକଠାରେ ଉତ୍ତ୍ୟକ୍ତ ଲୋକେ ପୋଲିସକୁ ଆକ୍ରମଣ କରିବା ସହ ଗାଡ଼ିକୁ ଜାଳି ଦେଇଥିଲେ। ତିହିଡ଼ି ଥାନାରେ ଶତାଧିକ ଲୋକଙ୍କ ନାମରେ ମାମଲା (ନଂ. ୨୧/୨୧) ରୁଜୁ କରାଯାଇଛି।

## ସାନ୍ତାଳି ଭାଷା ଲେଖକ, ଅଭିନେତାଙ୍କ ପରଲୋକ

**ବାଙ୍ଗିରିପୋଷି,୧୭।୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ନିଶ୍ଚିନ୍ତା ପଞ୍ଚାୟତ ଅନ୍ତର୍ଗତ ଗୋହିରାପାଳ ଗ୍ରାମର ସାନ୍ତାଳି ଭାଷା ଜଗତର ଜଣାଶୁଣା ଲେଖକ ତଥା ହାସ୍ୟ ଅଭିନେତା ବିରା ମାର୍ଣ୍ଡିଙ୍କ ପରଲୋକ ଘଟିଛି। ତାଙ୍କ ଦ୍ୱାରା ଲିଖିତ ଓ ଅଭିନୀତ ନାଟକଗୁଡ଼ିକ ହେଲା ମାଲଟଃ କାନ ଜାତି, କିଷାଣ ହପନ ଏରା ହଃ କାର୍ସାଦି, ଟାକା ଯୁଗ, ନାୱା ଧାର୍ତ୍ତୀ ପୁରିଦ ଖେଲେଣ୍ଡ ଆଖାଲା, ଲୁଖି ବାହୁ, ଚିକାତେ ବାଂଆ। ମରଶରୀର ନିକଟରେ ଏଭେନ ଆଲା କ୍ଲବ ଗୋହିରାପାଳ ଗ୍ରାମର ଏଭେନ ନାଇଟ ଅପେରାର ସମସ୍ତ କଳାକାର ଉପସ୍ଥିତ ଥିଲେ।

## ଚୋରା କୋଇଲା ଜବତ, ୫ ଗିରଫ

**ତାଳଚେର,୧୭।୧(ନି.ପ୍ର.):** ତାଳଚେର ପୋଲିସ ପଶ୍ଚିମେଶ୍ୱର ମନ୍ଦିର ଓ ବାଲୁଙ୍ଗା ଗ୍ରାମ କ୍ରଶର ନିକଟରୁ ୨ଟି ଚୋରା କୋଇଲା ବୋଝେଇ ଟ୍ରକ୍ ସହ ୨ ଜେସିବି ଜବତ କରିଛି। ଚୋରା କୋଇଲା ବୋଝେଇ ହେଉଥିବା ଖବରପାଇ ଶନିବାର ରାତିରେ ପୋଲିସ ଉପରୋକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ଉକ୍ତ ଟ୍ରକ୍‌ରେ ୩୨ଟନ କୋଇଲା ଥିବା ପୋଲିସ ସୂଚନା ଦେଇଛି। ଏଥିସହ ବ୍ରଜମୋହନ ପଟ୍ଟନାୟକ, ରାଜୁ ନାଏକ, ଅମର ନାଏକ, ସୁଦାମ ବେହେରା ଓ ଶରତ ନାଏକଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ନଂ. ୧୭/୨୧ ଓ ୧୮/୨୧ରେ ମାମଲା ରୁଜୁ କରାଯାଇଛି।

# କ୍ରୀଡ଼ାର ବିକାଶ ଲକ୍ଷ୍ୟରେ ଅଶୋକ

**ଭଦ୍ରକ ଅଫିସ,୧୭।୧**



ଅଶୋକ କୁମାର ଲେଙ୍କା।

କଲେଜରେ ପଢ଼ିବା ବେଳେ ସେ କ୍ରୀଡ଼ାରେ ଚାମ୍ପିୟନ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କର କ୍ରୀଡ଼ା ପ୍ରତିଭା ଅଧିକ ବିକଶିତ ହୋଇଥିଲା। ମାର୍ଶଲ ଆର୍ଟ(ଟାଏକୋଣ୍ଡୋ, ହାପକିଡୋ, କେନବୁଡୋ) ବ୍ୟତୀତ ପର୍ବତାରୋହଣ, ଆଥଲେଟିକ୍ସ, ଯୋଗ, ଆରୋବିକ୍ସ, ପ୍ରକୃତି ଚଳଚ୍ଚିତ୍ର ଏବଂ ଫଟୋଗ୍ରାଫି ପାଇଁ ସେ ଜାତୀୟ ସ୍ତରରେ ହୋଇଛନ୍ତି ପୁରସ୍କୃତ। ଏବେ ଭଦ୍ରକ ଜିଲାରେ କ୍ରୀଡ଼ାର ବିକାଶ ଲାଗି ସେ ଅଣ୍ଟା ଭିଡ଼ିଛନ୍ତି। ଏଠାରେ ଏକ ଏକାଡେମୀ ଖୋଲି ତା'ରି ମାଧ୍ୟମରେ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସେହି ଉଦ୍ୟମୀ କ୍ରୀଡ଼ାବିତ୍ ହେଲେ ଅଶୋକ କୁମାର ଲେଙ୍କା ।

ଭଦ୍ରକର ସାମାଜିକ କର୍ମୀ ଭାସ୍କର ଚନ୍ଦ୍ର ଲେଙ୍କା ଓ ଲକ୍ଷ୍ମୀପ୍ରିୟାଙ୍କ ପୁଅ ଅଶୋକ। ବାପା, ମା', ସ୍ତ୍ରୀ ସଞ୍ଜିବନୀ ସୁଧା ଲେଙ୍କା, ଦୁଇପୁଅ କଳିଙ୍ଗ ଓ ଆରିୟନଙ୍କୁ ନେଇ ଭଦ୍ରକ ସହର ଉପକଣ୍ଠ ତେନ୍ତୁଳିଗଡ଼ିଆ(କେନାଲରୋଡ଼)ର ଏହି କ୍ରୀଡ଼ାବିତ୍‌ଙ୍କ ପରିବାର। ପ୍ରାଥମିକଠାରୁ କଲେଜ ଶିକ୍ଷା ତାଙ୍କର ଭଦ୍ରକରେ ହୋଇଥିଲା। କେନ୍ଦୁଝର ଧରଣୀଧର କଲେଜରେ ସ୍ନାତକ ଦ୍ୱିତୀୟ ବର୍ଷ ପଢୁଥିବା ବେଳେ ତାଙ୍କୁ ବାୟୁସେନାରେ ଚାକିରି ମିଳିଥିଲା। ବାଙ୍ଗାଲୋରରେ ବାୟୁସେନାର ତାଲିମ ସମୟରେ ଟାଏକୋଣ୍ଡୋ ଶିକ୍ଷା ଆରମ୍ଭ କରିଥିଲେ। ୧୯୯୮ ରୁ ୨୦୦୮ ମଧ୍ୟରେ ସେ ହିମାଳୟର ବିଭିନ୍ନ ପାହାଡ଼ ଓ ଶୃଙ୍ଗ ଚଢ଼ି ବହୁ ପୁରସ୍କାରର ଅଧିକାରୀ ହୋଇଛନ୍ତି। ୨୦୧୦ରୁ ବାୟୁସେନାରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏହାପରେ ବି ତାଙ୍କର କ୍ରୀଡ଼ା ନୈପୁଣ୍ୟର ପ୍ରଦର୍ଶନ ଜାରି ରହିଛି। ୨୦୧୮ ଡିସେମ୍ବର ୨୫ରେ ସେ ଭେଟେରାନ୍ସ ଇଣ୍ଡିଆ ସଙ୍ଗଠନ ଦ୍ୱାରା ଜାତୀୟ ସଚିବ(କ୍ରୀଡ଼ା ଏବଂ ଦୁଃସାହସିକ) ଭାବେ ନିଯୁକ୍ତ ହୋଇଥିଲେ। ଇତି ମଧ୍ୟରେ ମାର୍ଶଲ ଆର୍ଟ୍ସରେ ପିଏଚ୍‌ଡି ଲାଭ କରିସାରିଛନ୍ତି। ନୂଆଦିଲ୍ଲୀରେ ବିଜୟ ଦିବସ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀଙ୍କଠାରୁ ଗ୍ରହଣ କରିଥିଲେ 'ପ୍ରାଇଡ୍ ଅଫ୍ ନେଶନ୍' ପୁରସ୍କାର। ପର୍ବତାରୋହଣ ପାଇଁ ଦକ୍ଷିଣ ପଶ୍ଚିମ ବାୟୁସେନା ନିର୍ଦ୍ଦେଶାଳୟ ଏବଂ ଟେନଜିଂ ନରଗେ ନ୍ୟାଶନାଲ ଲ୍ୟାଣ୍ଡ ଆଡଭେଞ୍ଚର ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ଅଶୋକ। ଏହାବ୍ୟତୀତ ସେ ଆନ୍ତର୍ଜାତିକ ଟାଏକୋଣ୍ଡୋ କୋଚ୍ ଭାବେ ପରିଚିତ। ବର୍ତ୍ତମାନ ଚେନ୍ନାଇରେ ଏକ ଏକାଡେମୀ ଖୋଲି ୨୨ଟି କ୍ରୀଡ଼ାରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ସୃଷ୍ଟି କରିଥିବା ସେ କୁହନ୍ତି। ରାଜ୍ୟ ତଥା ଜିଲା ପାଇଁ ସେ ଖୁବ୍‌ଶୀଘ୍ର ଭଦ୍ରକ ଫେରିବେ। ଏଠାରେ ଏକ ଏକାଡେମୀ ଆରମ୍ଭ କରିବେ। ଜିଲାରେ ଅଧିକ କ୍ରୀଡ଼ାବିତ୍ ସୃଷ୍ଟି କରିବା ସହ ରାଜ୍ୟସ୍ତରକୁ ପଠାଇବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି।

# ବିଦ୍ୟାଳୟ ପରିସରରେ ଠିକାଦାର କ୍ୟାମ୍ପ



**ଝୁମ୍ପୁରା, ୧୭।୧ (ଡି.ଏନ.ଏ)**

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଜଙ୍ଗଲମୂଳକରେ ଥିବା ହରିଡ଼ାଜୋଡ଼ି ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସରରେ ଠିକାଦାର କ୍ୟାମ୍ପ ନେଇ ଅଭିଯୋଗ ହୋଇଛି। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ପରିସରରେ ଅଙ୍ଗନୱାଡି ଗୃହ ମଧ୍ୟ ଅଛି। କରୋନା ପାଇଁ ବିଦ୍ୟାଳୟ ବନ୍ଦ ରହିଥିବା ବେଳେ ଏହାର ସୁଯୋଗ ନେଇ ପରିସର ଏବଂ ଗୃହ ଯେ କେହି ନିଜସ୍ୱ କାମରେ ବ୍ୟବହାର କରୁଛନ୍ତି। ବିଦ୍ୟାଳୟ ପରିସରରେ ରଖାଯାଇଛି ପକଲେନ ମେଶିନ, ଜେସିବି ମେଶିନ, ଟ୍ରାକ୍ଟର ଓ ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀ। ବିଦ୍ୟାଳୟ ଗୃହ ମଧ୍ୟ ଠିକାଦାରଙ୍କ କାମରେ ଲାଗିଛି। ସରକାରଙ୍କ ନିର୍ଦ୍ଦେଶ ପରେ ବିଦ୍ୟାଳୟ ପରିସର ସଫାସୁତରା ରଖିବା ସାଙ୍ଗକୁ ରଙ୍ଗ, ଚୂନ ମରାଯାଉଛି। ହେଲେ ପରିବେଶ ସଫା ନାହିଁ, ସ୍କୁଲ ଗୃହରେ କେବଳ ଚୂନ ମରାଯାଇଥିବା ବେଳେ ହରିଡ଼ାଜୋଡ଼ି ପ୍ରାଥମିକ ବିଦ୍ୟାଳୟ ଲେଖିବାକୁ ଭୁଲି ଯାଇଛନ୍ତି। ଏ ନେଇ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ପରିସରରେ ଠିକାଦାରଙ୍କ କ୍ୟାମ୍ପ ସମ୍ପର୍କରେ ଦାୟିତ୍ୱରେ ଥିବା ସିଆର୍‌ସିସି ନରୋତ୍ତମ ମହାନ୍ତ କହିଛନ୍ତି, ଅଭିଯୋଗ ହୋଇଛି ଘଟଣା ବାବଦରେ ଅନୁଧ୍ୟାନ କରାଯିବ। ବ୍ଲକ ଶିକ୍ଷାଧିକାରୀ ଦୁଃଶାସନ ସିଂ ଅଭିଯୋଗର ତଦନ୍ତ ପୂର୍ବକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# 'ବରିଷ୍ଠମାନେ ସମାଜର ଦିଗ୍‌ଦର୍ଶକ'



ବରିଷ୍ଠ ନାଗରିକ ମହାସଂଘର ବାର୍ଷିକ ଉତ୍ସବରେ ଏସ୍‌ପି ଚରଣ ସିଂ ମୀନା ଓ ଅନ୍ୟମାନେ।

**ଭଦ୍ରକ ଅଫିସ,୧୭।୧**

ବରିଷ୍ଠଙ୍କୁ ବାଦ୍ ଦେଇ କନିଷ୍ଠଙ୍କ ଚିନ୍ତା କରାଯାଇ ପାରିବ ନାହିଁ। ବରିଷ୍ଠମାନେ ସମାଜର ଦିଗ୍‌ଦର୍ଶକ। ବରିଷ୍ଠ ନାଗରିକମାନଙ୍କୁ ସର୍ବଦା ପୋଲିସ ସହଯୋଗ କରିବ। ଭଦ୍ରକ ଜିଲା ସଂସ୍କୃତି ଭବନ ପରିସରରେ ରବିବାର ଅନୁଷ୍ଠିତ ବରିଷ୍ଠ ନାଗରିକ ମହାସଂଘର ପ୍ରଥମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା କହିଛନ୍ତି। ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀରେ ବରିଷ୍ଠ ନାଗରିକଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ମେଡିକାଲରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର, ଜେରିଆଟିକ୍ ୱାର୍ଡ ଖୋଲିବା, ଭଦ୍ରକ ଷ୍ଟେଶନରେ ସ୍ୱତନ୍ତ୍ର କାଉଣ୍ଟର, ସ୍ୱତନ୍ତ୍ର ବିଶ୍ରାମାଗାର ବ୍ୟବସ୍ଥା, ମହାସଂଘ ନିମନ୍ତେ ସହରରେ ଏକ ଗୃହ ଯୋଗାଣ ଲାଗି ଦାବି ହୋଇଛି। ମୁଖ୍ୟବକ୍ତା ଉପଜିଲାପାଳ ପିତାମ୍ବର ସାମଲ ଓ ଅନ୍ୟତମ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାସ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ପଦ୍ମନ ରାୟ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଉପଦେଷ୍ଟା ଶଶୀକାନ୍ତ ପାଢ଼ି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସେବାନିବୃତ୍ତ ଡିଏସ୍‌ପି ରଙ୍ଗବଲ୍ଲଭ ଜେନା ଓ ସାମାଜିକ କର୍ମୀ ଏସ୍ ଏମ୍ ଫାରୁକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜଳେଶ୍ୱର ଷ୍ଟାଡିୟମରେ ସାଧାରଣତନ୍ତ୍ର ଦିବସ ନିଷ୍ପତ୍ତି

**ରାଇବଣିଆ, ୧୭।୧**

ବାଲେଶ୍ୱର ଜିଲା ଜଳେଶ୍ୱର ପୌରପରିଷଦ ଅନ୍ତର୍ଗତ ଶାନ୍ତିଆ ଷ୍ଟାଡ଼ିୟମଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ସଚେତନ ନାଗରିକମାନଙ୍କ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଉପଲକ୍ଷେ ତାରୁଣ୍ୟ ମିଳନ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଜଳେଶ୍ୱର ଶାନ୍ତିଆ ଷ୍ଟାଡ଼ିୟମ ହିଁ ଏକମାତ୍ର ସ୍ଥାନ ଯେଉଁଠାରେ ସରକାରଙ୍କ କୋଭିଡ୍-୧୯ ଆଇନ୍‌କୁ ପାଳନ କରାଯାଇପାରିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଜଳେଶ୍ୱରର ସମସ୍ତ ଅଧିକାରୀ, ପ୍ରଶାସନ ଓ ଜନସାଧାରଣ ସହଯୋଗ କରିବାକୁ ବୈଠକରେ ନିବେଦନ କରାଯାଇଛି। ବିଭିନ୍ନ ପଞ୍ଚାୟତ ଓ ଗ୍ରାମାଞ୍ଚଳରୁ ନାଗରିକମାନଙ୍କୁ ଯୋଗଦାନ ନିମନ୍ତେ ଆହ୍ୱାନ କରାଯାଇଥିଲା। ପୂର୍ବତନ ଡିପିସି ସଦସ୍ୟ ଅନନ୍ତ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ହେମନ୍ତ ଦାସ ସଭାପତିତ୍ୱ କରିଥିଲେ। ମନୋରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଅରୁଣ କୁମାର ବେଜ, ସୁବ୍ରତ ଘୋଷ, ସୁଶାନ୍ତ କୋଏଲ, ଫାଲଗୁନୀ ପାଣିଗ୍ରାହୀ, ସୁକୁମାର ରଣା, ଆଶିଷ କୁମାର ଗିରି, ରବିନାରାୟଣ ପାତ୍ର, ଦୁର୍ଗାଶଙ୍କର ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ମନେପଡ଼ିଲେ ମମତା



କବି ଅଥୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୭।୧**

ଢେଙ୍କାନାଳ ଜିଲାର ପ୍ରଥମ ମହିଳା ଖବରଦାତା ମମତା ଦାଶଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ରବିବାର ପାଳନ ହୋଇଯାଇଛି। ଏହି ଉପଲକ୍ଷେ ମମତା ଦାଶ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଡେପୁଟି କଲେକ୍ଟର ସିତାଂଶୁ ଶେଖର ଦାସ, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ଶ୍ରୀକାନ୍ତ ଧଳ, ଉଦ୍ୟାନ କୃଷି ବିଶେଷଜ୍ଞ ଭଗବାନ ଦାସ ପ୍ରମୁଖ ଯୋଗଦେଇ ମମତାଙ୍କ ବହୁମୁଖୀ ପ୍ରତିଭାକୁ ମନେପକାଇଥିଲେ। ଏହି ଅବସରରେ କବି ଅଥୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସଭାପତି ସୁକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ସତ୍ୟସ୍ୱରୂପ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ମମତାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ନିଲନ ମିଶ୍ର, ପ୍ରଶାନ୍ତ ମହାପାତ୍ର, ଶ୍ରୀଧର ହୋତା, ଅକ୍ଷୟ ପାଣିଗ୍ରାହୀ, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆଶିଷ ଶତପଥୀ ଧନ୍ୟବାଦ ଦେଇଥିଲେ।

# ମହେଶ୍ୱରପୁରରେ ମାଘେ ପର୍ବ

**ଚମ୍ପୁଆ,୧୭।୧(ଡି.ଏନ.ଏ)**



ନୃତ୍ୟରେ ମସ୍‌ଗୁଲ ଆଦିବାସୀ ସମ୍ପ୍ରଦାୟର ଲୋକ।

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ମହେଶ୍ୱରପୁର ଗ୍ରାମଠାରେ ଆଦିବାସୀ ମୁଣ୍ଡା ସମ୍ପ୍ରଦାୟର ମୁଖ୍ୟପର୍ବ ମାଘେ ପର୍ବ ଦୁଇଦିନ ଧରି ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। କୋଲ୍ହ, ମୁଣ୍ଡା ସମ୍ପ୍ରଦାୟର ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଏହି ପର୍ବ ପାଳନ ହେଉଥିବା ବେଳେ ଆଦିମ କାଳରୁ ପାରମ୍ପରିକ ରୀତିଅନୁଯାୟୀ ମାଘ ମାସରେ ଏହି ପର୍ବ ପାଳନ କରାଯାଇ ଆସୁଛି। ଏହି ପର୍ବରେ ସାମ୍ପ୍ରଦାୟିକ ସଦ୍‌ଭାବନା ଓ ଭାଇଚାରାର ନିଦର୍ଶନ ଦେଖିବାକୁ ମିଳିଛି। ଗ୍ରାମର ସମସ୍ତ ଲୋକଙ୍କ ସହିତ ମିଳିମିଶି ସମ୍ପ୍ରଦାୟର ଭଗବାନ ମାରାଙ୍ଗ ଗଙ୍ଗା(ଶିବ ଠାକୁର)ଙ୍କୁ ଘରେ ପୂଜା କରାଯାଇଥିଲା। ଗ୍ରାମର ଦେହୁରୀ ଗ୍ରାମ ଶାଳରେ ପୂଜା ଓ କର୍ମ ସମାପନ କରିବା ପରେ ତାଙ୍କୁ ସଂଗ୍ରାଙ୍ଗ ସମିତିର ସଦସ୍ୟମାନେ ମାଦଳ ନାଗରା ଝାଞ୍ଜ, ବଂଶୀ ଓ ହାରମୋନିୟମ ଆଦି ବଜାଇ ଆଖଡ଼ାଶାଳକୁ ଶୋଭାଯାତ୍ରାରେ ନେଇଥିଲେ। ପରେ ପାରମ୍ପରିକ ନୃତ୍ୟ ସଙ୍ଗୀତ ଓ ମାଘେ ନୃତ୍ୟ ଆରମ୍ଭ ହୋଇଥିଲା। ଫସଲ ଅମଳ ପରେ ଏହି ପର୍ବ ପାଇଁ ଆଦିବାସୀମାନେ ଘରକୁ ଲିପା ପୋଛା କରିବା ସହିତ ଘରର ସଦସ୍ୟମାନେ ନୂତନ ବସ୍ତ୍ର ପରିଧାନ କରି ପାରମ୍ପରିକ ପାନୀୟ ହାଣ୍ଡିଆ ବ୍ୟବହାର କରିଥିଲେ। ଧନୀରୁ ଗରିବ ସବୁ ଶ୍ରେଣୀର ଲୋକ ଦୁଇଦିନ ଧରି ଏହି ପର୍ବକୁ ଏକ ସ୍ୱତନ୍ତ୍ର ପଡ଼ିଆରେ ଉପଭୋଗ କରିଥିଲେ। ବର୍ଷ ଆରମ୍ଭରୁ ଏହି ପର୍ବ ପାଳନ କରାଯାଉଥିବା ବେଳେ ଭଲ ଫସଲ ଓ ଗ୍ରାମବାସୀଙ୍କ ନିରୋଗ ସହିତ ପ୍ରାଣୀ ସମ୍ପଦକୁ ରୋଗ ନ ହେବା ପାଇଁ କାମନା କରାଯାଇଥାଏ। ସୁବର୍ଣ୍ଣ ପୂର୍ତ୍ତି, ବ୍ରଜ ପୂର୍ତ୍ତି, ରମେଶ ମୁଣ୍ଡା, ବିଶ୍ୱାନାଥ ମୁଣ୍ଡା, ଶିବ ମୁଣ୍ଡା, ଘନସିଂ ମୁଣ୍ଡା ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିଥିଲେ।

## ଅଚିହ୍ନା ଯୁବତୀଙ୍କ ମୃତଦେହ ଜବତ

**ସିମୁଳିଆ, ୧୭।୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଈଶ୍ୱରପୁର ପଞ୍ଚାୟତ ଅଡା-ବାଙ୍ଗୁରପଦା କେନାଲର କରଞ୍ଜଗଡିଆ ଫଲ୍ ନିକଟରେ ଜଣେ ଅଚିହ୍ନା ଯୁବତୀଙ୍କ ମୃତଦେହ ପୋଲିସ ଜବତ କରିଛି। ସ୍ଥାନୀୟ ଲୋକେ ବିଲରେ ଯୁବତୀଙ୍କ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ଉକ୍ତ ଯୁବତୀଙ୍କୁ ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରିଛି।

# ଗାଡ଼ି ଓଲଟି ୫ ଗୋରୁ ମୃତ

**ଭଦ୍ରକ ଅଫିସ, ୧୭।୧**



ଭଦ୍ରକ-ଧାମନଗର ରାସ୍ତାର ଭଣ୍ଡାରୀପଦି ଛକ ନିକଟରେ ରବିବାର ପୂର୍ବାହ୍ନରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇ ୫ ଗୋରୁଙ୍କ ମୃତ୍ୟୁ ଘଟିଛି। ୨୫ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ତେବେ ଦୁର୍ଘଟଣା ସ୍ଥଳରେ ଉତ୍ତ୍ୟକ୍ତ ଲୋକଙ୍କ ଦ୍ୱାରା ପ୍ରାୟ ଦୁଇଘଣ୍ଟା ରାସ୍ତାରୋକୋ ହୋଇଥିଲା। ସୂଚନା ମୁତାବକ ଭଦ୍ରକରୁ ଏକ ପିକ୍‌ଅପ୍‌ରେ ବେଆଇନ ଭାବେ ୩୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଧାମନଗର ନିଆଯାଉଥିଲା। ଭଣ୍ଡାରୀପଦି ଛକ ନିକଟରେ ଗାଡ଼ି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ମୃତ ଗୋରୁଙ୍କ ମଧ୍ୟରେ ୩ଟି ଷଣ୍ଢ ଓ ୨ଟି ଗାଈ ଥିବା ଜଣାପଡ଼ିଛି। ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ଗୋରୁଙ୍କ ମୃତଦେହ ରଖି ଭଦ୍ରକ-ଧାମନଗର ରାସ୍ତା ଅବରୋଧ କରିଥିଲେ। ଧାମନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୋଲିସ ପିକ୍‌ଅପ୍ ଓ ଏକ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ: ବିଧାୟକ ଏକାଦଶ ବିଜୟୀ

**ବୈଶିଙ୍ଗା,୧୭।୧(ଡି.ଏନ୍.ଏ.):**

ମୟୂରଭଞ୍ଜ ଜିଲା ବୈଶିଙ୍ଗାଠାରେ ଶୁକ୍ରବାର ଏକ ଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ ଟେନ-୧୦ କ୍ରିକେଟ ମ୍ୟାଚ ଆୟୋଜିତ ହୋଇଯାଇଛି। ବୈଶିଙ୍ଗା କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ବିଧାୟକ ସନାତନ ବିଜୁଳି ଏକାଦଶ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଏକାଦଶକୁ ହରାଇ ବିଜୟୀ ହୋଇଥିଲା। ବରିଷ୍ଠ ଶିକ୍ଷକ ଅତନୁ ପଣ୍ଡାଙ୍କ ନେତୃତ୍ୱରେ ବିଧାୟକ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୦୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଧାୟକ ବିଜୁଳି ୨୫ ରନ କରି ଅପରାଜିତ ରହିଥିଲେ। ସନ୍ତୋଷ ସେନାପତି ସର୍ବାଧିକ ୫୩ ରନ କରିଥିଲେ। ପ୍ରତିଯୋଗୀ ଦଳ ପୂର୍ବତନ ବିଧାୟକ ଏକାଦଶର ନେତୃତ୍ୱ ନେଇଥିଲେ ବିବେକାନନ୍ଦ ପଣ୍ଡା। ଏହି ଦଳ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେଇଥିଲା। ନିୟମିତ ବ୍ୟବଧାନରେ ଦଳ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇ ୯୬ ରନରେ ଅଲ୍‌ଆଉଟ୍ ହୋଇ ଯାଇଥିଲା। ଦଳ ପକ୍ଷରୁ ପୂର୍ବତନ ବିଧାୟକ ପାତ୍ର ୧୦ ରନ କରି ଆଉଟ ହୋଇ ଯାଇଥିଲେ। ମ୍ୟାଚ ପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା, ସମାଜସେବୀ ଶଶିଭୂଷଣ ପଣ୍ଡା, ଖବରଦାତା ଅରୁଣ କୁମାର ଓତା,ସେବାନିବୃତ ଶିକ୍ଷକ ସୀତାକାନ୍ତ ବେହେରା, ସଞ୍ଜୟ କୁମାର ମିଶ୍ର , ବିଶିଷ୍ଟ ବ୍ୟବସାୟୀ ରବି ନାରାୟଣ ପଣ୍ଡା ଓ ପ୍ରଶାନ୍ତ କୁମାର ପଣ୍ଡା , ବଣିକ ସଂଘର ସଭାପତି ସୁଦର୍ଶନ ମହାପାତ୍ର, ବୈଶିଙ୍ଗା ଗ୍ରାମ କମିଟିର ସଭାପତି ଅଞ୍ଜନ କୁମାର ପଣ୍ଡା, ଶିବାଜୀ ଯୁବକ ସଂଘର ସମ୍ପାଦକ ଉତ୍ସର୍ଗ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆଗକୁ ବଢ଼ିବାକୁ ପ୍ରେରଣା ଦେଇଛି କୁକୁଡ଼ା ଚାଷ

**ଖଇରା, ୧୭।୧(ଡି.ଏନ.ଏ.)**



ମା' ଲକ୍ଷ୍ମୀ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ କୁକୁଡ଼ା ଛୁଆଙ୍କୁ ଖାଦ୍ୟ ଦେଉଛନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ କଡମିଆଁ ଗ୍ରାମର ମା' ଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଚିନ୍ତାଧାରା ଓ କାର୍ଯ୍ୟଶୈଳୀ ଅନ୍ୟ ମହିଳା ଗୋଷ୍ଠୀଙ୍କୁ ଆଗକୁ ବଢିବାକୁ ପ୍ରେରଣା ଯୋଗାଇବ। କ୍ଷତିକୁ ଭୟ ନ କରି ଏକତ୍ର ମନକୁ ମନ ମିଶାଇ ଆରମ୍ଭ କରିଥିବା କୁକୁଡା ଚାଷକୁ ନେଇ ସେମାନେ ଜୀବିକା ନିର୍ବାହ କରିବାକୁ ଅଣ୍ଟା ଭିଡିଛନ୍ତି। ପ୍ରଥମେ ୨୦୧୩ରେ ଗଠନ ହୋଇଥିବା ଏହି ସଙ୍ଗଠନର ସଦସ୍ୟମାନେ ଋଣ ନେଇ ବ୍ୟକ୍ତିଗତ ଭାବେ ଛେଳି ଓ କୁକୁଡା ପାଳନ କରୁଥିଲେ । ହେଲେ ସମସ୍ତ ୧୧ଜଣ ସଦସ୍ୟ ଏକ ମନ ହୋଇ ଏକତ୍ର କୁକୁଡା ଚାଷ ଆରମ୍ଭ କରିବାକୁ ଯୋଜନା କରିଥିଲେ। ଏଥିପାଇଁ ମିଶନଶକ୍ତି ମାଧ୍ୟମରେ ୨ଲକ୍ଷ ଟଙ୍କାର ଋଣ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଓଡିଶା ଜୀବିକା ମିଶନର ଅଧିକାରିଣୀ ତଥା ପ୍ରାଣୀଚିକିତ୍ସା ବିଭାଗ ନିକଟରୁ ଆବଶ୍ୟକ ତାଲିମ ନେଇ ସଭ୍ୟମାନେ ସଭାପତି ଜୟନ୍ତୀ ନାୟକ ଓ ଉର୍ବଶୀ ପ୍ରଧାନଙ୍କ ନେତୃତ୍ୱରେ ଫାର୍ମ ନିର୍ମାଣ କରିବା ସହ ୨ଶହ ଉନ୍ନତି ପ୍ରଜାତିର କୁକୁଡା ଆଣି ଚାଷ ଆରମ୍ଭ କରିଛନ୍ତି । ଏବେ କୁକୁଡାଗୁଡିକ ଅଧ କିଲୋ ଲେଖାଏଁ ଓଜନ ହେବା ଦେଖି ମହିଳା ଗୋଷ୍ଠୀ ଖୁସି ଜାହିର କରିଛନ୍ତି। ଖୁବ୍ ଅଳ୍ପଦିନ ମଧ୍ୟରେ କୁକୁଡାଗୁଡିକ ଅଣ୍ଡା ଦେବେ । ଅଣ୍ଡା ସହ କୁକୁଡା ବିକ୍ରି କରି ସେମାନେ ଋଣ ଶୁଝିବା ସହ ସଭ୍ୟମାନଙ୍କୁ ପୂର୍ବପେକ୍ଷା ୨ ପଇସା ଅଧିକ ମିଳିବ ବୋଲି ସମ୍ପାଦିକା ଶ୍ରୀମତୀ ପ୍ରଧାନ କହିଛନ୍ତି । ଗୋଷ୍ଠୀର ଏହି ଉଦ୍ୟମକୁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଟୁଇଟରରେ ସେମାନଙ୍କ ଫାର୍ମ ବିଷୟରେ ଉଲ୍ଲେଖ କରିଛନ୍ତି। ବ୍ୟକ୍ତିଗତ ପରିଶ୍ରମ ଅପେକ୍ଷା ଗୋଷ୍ଠୀ ବା ଦଳଗତ କାର୍ଯ୍ୟ ମାଧ୍ୟମରେ ଫଳ ମିଳିବା ଆଶା ଅଧିକ ବୋଲି ଉଭୟ ସଭାପତି ସମ୍ପାଦିକ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ୯ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୭।୧:** ଅନୁଗୋଳ ଜିଲାରୁ ରବିବାର ୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୧୭୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ସର୍ବାଧିକ ୩ ଜଣ ଚିହ୍ନଟ ହୋଇଥିବାବେଳେ ଅନୁଗୋଳ ପୌରାଞ୍ଚଳରୁ ୩, ବଣଁରପାଳ ବ୍ଲକରୁ ୨ ଓ କଣିହାଁ ବ୍ଲକରୁ ଜଣେ ରୋଗୀ ଅଛନ୍ତି। ସେହିପରି ଦିନକରେ ଜିଲାରୁ ୧୯ ଜଣ କରୋନରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ପୋଖରୀକୁ ଖସି ବାଇକ୍ ଆରୋହୀ ମୃତ

**କଣିହାଁ, ୧୭।୧(ଡି.ଏନ.ଏ.):** କଣିହାଁ ଥାନା କଂସମୁଣ୍ଡା ଗ୍ରାମ ମାଡୁଆ ମନ୍ଦିର ନିକଟରେ ରବିବାର ଦୁର୍ଘଟଣାରେ ଜରଡ଼ା ପଞ୍ଚାୟତ ଅଦ୍ୱୈତପ୍ରସାଦ ଗ୍ରାମର ଗଗନ ବିହାରୀ ନାଏକ(୫୭)ଙ୍କ ମୃତ୍ୟୁ ହୋଇଛି। ସକାଳେ ଗଗନ ବାଇକ୍ (ନଂ. ଓଆର୧୯ପି-୪୪୧୧)ରେ କଣିହାଁ ହାଟରୁ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ କଂସମୁଣ୍ଡା ମାଡୁଆ ମନ୍ଦିର ନିକଟସ୍ଥ ଏକ ପୋଖରୀରେ ଖସି ପଡିଥିଲେ। ଗଗନଙ୍କ ପୁଅ ସତ୍ୟପ୍ରିୟ ନାଏକ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୩/୨୦୨୧ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁରୁ ଉତ୍ତେଜନା

**ବଣଁରପାଳ, ୧୭।୧(ଡି.ଏନ.ଏ.):** ଅନୁଗୋଳ ଜିଲା ୫୫ନଂ. ଜାତୀୟ ରାଜପଥର ନାଲ୍କୋ ଥାନା ସମ୍ମୁଖରେ ରବିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ଜଣାପଡ଼ିନାହିଁ। ସେ ବାଇକ୍‌ରେ ବଣଁରପାଳରୁ ନାଲ୍କୋ ଆଡ଼କୁ ଆସୁଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଏହାପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଧନଜୀବନ ହାନି ହେଉଛି। ତେଣୁ ସେହି ସ୍ଥାନରେ ଗାଡ଼ିର ଗତି ଧିମା କରିବା ଲାଗି ହମ୍ପସ୍ ନିର୍ମାଣ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

### ରୟାଲ ଟାଇଗର କ୍ରିକେଟ: ଚାଉଳିଆ ବିଜୟୀ

**ଢେଙ୍କାନାଳ ଅଫିସ, ୧୭।୧:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ଆମ୍ବପଡ଼ା ଗ୍ରାମରେ ରୟାଲ ଟାଇଗର କ୍ରିକେଟ କପ୍ ରବିବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅମାଙ୍ଗ ଡୁବୁରୀକୁ ହରାଇ ଚାଉଳିଆ ବିଜୟୀ ହୋଇଛି। ଚାଉଳିଆର ୧୬୫ ରନ୍ ଜବାବରେ ଅମାଙ୍ଗ ଡୁବୁରୀ ୧୨୧ ରନ୍ କରି ପରାଜୟ ବରଣ କରିଥିଲା। ବିଜୟୀ ଦଳର ପଦ୍ମନାଭ 'ମ୍ୟାନ୍ ଅଫ ଦି ମ୍ୟାଚ' ଘୋଷିତ ହୋଇଥିଲେ। ରଜନୀକାନ୍ତ ପାଣିଗ୍ରାହୀ, ରାଜୀବ ମଲ୍ଲିକ ଖେଳ ପରିଚାଳନା କରିଥିବାବେଳେ ଗଗନ ବିହାରୀ ନାୟକ ଏବଂ ପ୍ରବାସ ବେହେରା ଧାରାବିବରଣୀ ଦେଇଥିଲେ। ଅତିଥି ଭାବେ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା, ଦତ୍ତକ୍ରିଷ୍ଣ ବୋଇତଇ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ରବିନାରାୟଣ ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ପ୍ରଦୀପ ରାଉତ ଉପସ୍ଥିତ ଥିଲେ। ନରେଶ ମହାନ୍ତି, ପଞ୍ଚାନନ ମହାନ୍ତି, ରିଙ୍କୁ ଲେଙ୍କା, ଅବରିନ୍ଦ ପାଣିଗ୍ରାହୀ ସହଯୋଗ କରିଥିଲେ।

### ଓଲଟିଲା ଅଟୋରିକ୍ସା

**ଛେଣ୍ଡିପଦା, ୧୭।୧(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାପୁଜୀ ମହାବିଦ୍ୟାଳୟ ନିକଟରେ ରବିବାର ଅପରାହ୍ନରେ ଏକ ଯାତ୍ରୀବାହୀ ଅଟୋରିକ୍ସା ଓଲଟି ପଡ଼ିଛି। ଏଥିରେ ସାପୋଇ ସାହିର ନୀଳକଣ୍ଠ ସାହୁ ଗୁରୁତର ହୋଇଛନ୍ତି। ମିକ୍ସଚର ବ୍ୟବସାୟ ସାରି ଫେରିବା ବେଳେ ଭାରସାମ୍ୟ ହରାଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନୀଳକଣ୍ଠଙ୍କ ମୁହଁ ଏବଂ ଆଣ୍ଠୁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ପୂଜାକୁ ଫେରିଲା ବାଜା

**ଉପେନ୍ଦ୍ର ରାଉତ**
**ବଣଁରପାଳ, ୧୭।୧**




- ଚଳିତ ମାସରେ ମିଳିଛି ସରକାରୀ ଅନୁମତି
- କାର୍ଯ୍ୟକ୍ରମ ନିମନ୍ତେ ଲୋକେ ଦେଲେଣି ଅଗ୍ରିମ
- ଡିଜେ, ବ୍ରାସ୍‌ମାଲିକ, କର୍ମଚାରୀ ମହଲରେ ଖୁସି

ଆଧ୍ୟାତ୍ମିକ ଆୟୋଜନ ହେଉ କି ସାଂସ୍କୃତିକ ଅବା ମାଙ୍ଗଳିକ, ବାଦ୍ୟ ବିନା ଏହାର କଳ୍ପନା କଷ୍ଟକର। ଶାସ୍ତ୍ରରେ ମଧ୍ୟ ବାଦ୍ୟକୁ ସର୍ବଦା ଶୁଭର ସୂଚନା ବୋଲି ମାନ୍ୟ କରାଯାଇଛି। ସେଥିପାଇଁ ପୂଜା, ବିବାହ, ବ୍ରତ ଆଦିରେ ପ୍ରଥମେ ଖୋଜାପଡ଼େ ବାଜା। କିନ୍ତୁ ମହାମାରୀ କୋଭିଡ୍-୧୯ କାରଣରୁ ଦୀର୍ଘ ୯ ମାସ ହେଲା ଏହି ବାଦ୍ୟକୁ ଏସବୁ କାର୍ଯ୍ୟରେ ସାମିଲ ପାଇଁ ଅନୁମତି ନ ଥିଲା। ଏପରି କି ଗତ ପୂଜା ଋତୁରେ ବିନା ବାଜାରେ ଦେବଦେବୀଙ୍କ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କିନ୍ତୁ ବିଳମ୍ବ ହେଲେ ବି ଚଳିତମାସରେ ସରକାର ଅନୁମତି ଦେବା ପରେ ବାଜା ତା'ର ପୂର୍ବ ସମ୍ମାନ ଫେରିପାଇଛି। ଆଗକୁ ସରସ୍ୱତୀ ପୂଜା ସହ ବିବାହ ଋତୁ ଆସୁଥିବାରୁ ଅନୁଗୋଳ ଜିଲା ବଣଁରପାଳ ବ୍ଲକର ବାଦ୍ୟକାର, ଡିଜେ, ବ୍ରାସପାର୍ଟି ମାଲିକ ଓ କର୍ମଚାରୀ ମହଲରେ ଖୁସିର ଲହରି ଖେଳିଯାଇଛି।

ବଣଁରପାଳ ବ୍ଲକର ନାଲ୍କୋ, କାଣ୍ଡସର, କୁରୁଡୁଲି, ତୁରଙ୍ଗ, କୁଲାଡ଼, ଗିରାଙ୍ଗ, ଗୋଟମରା, ବଣଁରପାଳ, ବୁଢ଼ାପଙ୍କ, ବନ୍ଧା, ନୂଆହତା, ଗଡ଼ସନ୍ତ୍ରୀ, ତଳମୂଳ, ମହୀଧରପୁର ଓ ଫୁଲପଡ଼ା ଆଦି ଅଞ୍ଚଳରେ ୨୫ରୁ ଅଧିକ ଡିଜେ, ବ୍ରାସ ଓ ଢୋଲପାର୍ଟି ଅଛନ୍ତି। ବଣଁରପାଳ ସହ ଅନୁଗୋଳ ଓ ଢେଙ୍କାନାଳ ଜିଲାର ବିଭିନ୍ନ ପୂଜା ଉତ୍ସବ ଏବଂ ବିବାହ ଶୋଭାଯାତ୍ରା ପାଇଁ ଏମାନଙ୍କ ନିକଟକୁ ବରାଦ ଆସେ। ଗୋଟିଏ କାର୍ଯ୍ୟକ୍ରମ ପାଇଁ ୨୫ରୁ ୩୦ ହଜାର ଟଙ୍କା ମିଳେ। ତେଣୁ ପ୍ରତିବର୍ଷ ପୂଜା ଓ ବିବାହ ଋତୁରେ ଲକ୍ଷାଧିକ ଟଙ୍କାର ଆୟ ହୋଇଥାଏ। ଗୋଟିଏ ଦଳରେ ୨୦ରୁ ୩୦ ସଦସ୍ୟ ସାମିଲ ଥିବାରୁ ଶତାଧିକ ପରିବାର ଏହି ରୋଜଗାର ଉପରେ ନିର୍ଭର କରନ୍ତି। କିନ୍ତୁ କରୋନା ପାଇଁ ଦୀର୍ଘ ୯ ମାସ ବାଦ୍ୟ ପରିବେଷଣ ବନ୍ଦ ରହିଥିବାରୁ ଏଥିରୁ ଆୟ କରୁଥିବା ଲୋକଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ସେହିପରି ଋଣ କରି ମ୍ୟୁଜିକ ସିଷ୍ଟମ ବ୍ୟବସାୟ କରୁଥିବା ଡିଜେ, ବ୍ରସ୍‌ପାର୍ଟି ମାଲିକମାନେ ବିପୁଳ କ୍ଷତି ସହିବାକୁ ବାଧ୍ୟ ହୋଇଥିଲେ। ତେବେ କରୋନା ସଂକ୍ରମଣ ତଳମୁହାଁ ହେବା ପରେ ସରକାର ଏବେ ସାଂସ୍କୃତିକ କାର୍ଯ୍ୟକ୍ରମ, ବିବାହ ଶୋଭାଯାତ୍ରାରେ ୨ଶହରୁ ଅଧିକ ଲୋକଙ୍କୁ ସାମିଲ ଅନୁମତି ଦେଇଛନ୍ତି। ସେହିପରି ଡିଜେ, ବ୍ରାସ୍‌ପାର୍ଟି ଉପରେ ଲଗାଯାଇଥିବା କଟକଣାକୁ ମଧ୍ୟ ହଟାଇ ଦେଇଛନ୍ତି। ସରକାରଙ୍କ ଏହି ସବୁଜ ସଂକେତ ପରେ ଏବେ ବଣଁରପାଳ ବ୍ଲକର ବାଦ୍ୟସଙ୍ଗୀତ ପାର୍ଟି ମାଲିକମାନେ ଲୋକଙ୍କଠାରୁ ଅଗ୍ରିମ ପାଇବା ଆରମ୍ଭ କରିଥିବା କହିଛନ୍ତି।

**୫ଟି ସ୍ଥାନରୁ ଅଗ୍ରିମ ମିଳିଲାଣି**



"ବ୍ୟାଙ୍କରୁ ଋଣ କରି ସାଉଣ୍ଡ ସିଷ୍ଟମ ବ୍ୟବସାୟ କରିଛି। କରୋନା ପୂର୍ବରୁ ବେପାର ଖୁବ୍ ହେଉଥିଲା। ବିବାହ ଋତୁରେ ଗୋଟିଏ ଦିନରେ ଏକାଧିକ ଶୋଭାଯାତ୍ରା ପାଇଁ ବରାଦ ମିଳୁଥିଲା। କିନ୍ତୁ କରୋନା ପାଇଁ ବର୍ଷେ ବେକାର ହୋଇଗଲା। ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡ଼ିଲା। ହେଲେ ସାଉଣ୍ଡ ସିଷ୍ଟମକୁ ଅନୁମତି ମିଳିଥିବାରୁ ବେପାର ଆରମ୍ଭ ହୋଇଛି। ଗତ ୮ ଦିନ ମଧ୍ୟରେ ୫ଟି ସ୍ଥାନରୁ ଅଗ୍ରିମ ଆସିଲାଣି।

**-ରଶ୍ମିରଞ୍ଜନ ସାହୁ, ସାଉଣ୍ଡ ସିଷ୍ଟମ ମାଲିକ, ବନ୍ଧା**

**ବହୁ ପରିବାର ଉପକୃତ ହେବେ**



"ସରକାରଙ୍କ କଡ଼ା କଟକଣା ଯୋଗୁ ଲକ୍‌ଡାଉନ୍ ସମୟରେ ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ ପାଇଁ କେହି ଆଗ୍ରହ ପ୍ରକାଶ କରୁ ନ ଥିଲେ। ତେଣୁ ଡିଜେ, ଢୋଲ ଓ ବ୍ରାସ ପରିବେଷଣର ଅନୁମତି କି ସୁଯୋଗ ନ ଥିଲା। ଏହାଦ୍ୱାରା ବାଦ୍ୟକାରଙ୍କଠାରୁ ଆରମ୍ଭ କରି ଗାୟିକା, ଗାୟକ, ନୃତ୍ୟଶିଳ୍ପୀ, ଲାଇଟ୍, ସାଉଣ୍ଡ ଓ ଟ୍ରଲି ଚାଳକଙ୍କ ସହ ୩୦ରୁ ଅଧିକ ପରିବାର ରୋଜଗାର ହରାଇଥିଲେ। ଅନୁମତି ପରେ ଏସବୁ ସଦସ୍ୟଙ୍କ ପରିବାର ଉପକୃତ ହେବେ।

**-ଈଶ୍ୱର ବେହେରା, ଗିରାଙ୍ଗ ମ୍ୟୁଜିକ ସିଷ୍ଟମ ମ୍ୟାନେଜର**

**ଦୁର୍ବଳ ସ୍ଥିତିକୁ ବଳ ମିଳିଛି**



"କିଛିମାସ ହେଲା ଲକ୍‌ଡାଉନ୍ କୋହଳ କରାଯାଇଥିଲେ ମଧ୍ୟ ବେପାର ନ ଥିଲା। ସରକାର କଟକଣା ଲଗାଇଥିବାରୁ ବିନା ବାଜା, ବାଣ ଓ ଶୋଭାଯାତ୍ରାରେ କେହି ବିବାହ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରୁ ନ ଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଧ୍ୟ ଅନୁମତି ନ ଥିଲା। ତେଣୁ ଏସବୁ କାର୍ଯ୍ୟକ୍ରମ ପାଇଁ ପ୍ରଥମେ ଖୋଜାପଡୁଥିବା ଟେଣ୍ଟହାଉସ୍ ଏକପ୍ରକାର ଅଛୁଆଁ ହୋଇଯାଇଥିଲା। କଟକଣା ହଟିବା ବେପାରର ଦୁର୍ବଳ ସ୍ଥିତିକୁ ବଳ ଯୋଗାଇଛି।

**-ଦୁଷ୍ମନ୍ତ ସାହୁ, ଟେଣ୍ଟ ହାଉସ ମାଲିକ, କନ୍ୟାବେଡ଼ା**

**ବରଗାଡ଼ି ସଜାଇବା ପାଇଁ ବଇନା ପାଇଛି**



"ସରକାର ଅଧିକ ସଂଖ୍ୟକ ଲୋକଙ୍କୁ ଏକାଠି ହେବାକୁ ଅନୁମତି ଦେଉ ନ ଥିବାରୁ ପୂର୍ବରୁ ବିବାହ, ବ୍ରତୋପନୟନ ଆଦି କାର୍ଯ୍ୟକୁ ଘୁଞ୍ଚାଇ ଦିଆଯାଉଥିଲା। ଫଳରେ ବରଗାଡ଼ିଠାରୁ ବିବାହ ବେଦି ଯାଏ ସାଜସଜ୍ଜା ପାଇଁ ଫୁଲ ଆବଶ୍ୟକ ପଡୁ ନ ଥିଲା। ଏହା ବ୍ୟବସାୟୀଙ୍କୁ କ୍ଷତି ପହଞ୍ଚାଉଥିଲା। ସରକାରଙ୍କ ଅନୁମତି ମିଳୁ ମିଳୁ ବରଗାଡ଼ି ପାଇଁ ବଇନା ପାଇଛି।

**-ଅଭିଜିତି ମାଝି, ଫୁଲ ଦୋକାନୀ, ନାଲ୍କୋ**

### ବେଆଇନ କାଠ ଚାଲାଣ

**ବଇଣ୍ଡା, ୧୭।୧(ଡି.ଏନ.ଏ.)**

ଆଠମଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ବିପ୍ରଡିହ, କଂସାବ, କୋରାବ, ମଇମୁରା, କେଞ୍ଝୁଆନାଳି ଜଙ୍ଗଲରୁ ଚୋରା କାଠ ଚାଲାଣ ହେଉଥିବା ଶନିବାର ମଇମୁରା ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଜିଲା ବାହାରର କାଠ ମାଫିଆମାନେ ସ୍ଥାନୀୟ କାଠ ଚୋରଙ୍କୁ ହାତକରି ଜଙ୍ଗଲରୁ ମୂଲ୍ୟବାନ ଗଛଗୁଡିକ କାଟି ନେଉଛନ୍ତି। ବିଶେଷକରି ଶାଗୁଆନ, ଶାଳ ଗଛକୁ ବିଳମ୍ବିତ ରାତିରେ କାଟିବା ସହ ଜଙ୍ଗଲରେ ଲୁଚାଇ ରଖି ଦାମୀ ଗାଡି ଯୋଗେ ଜିଲା ତଥା ବାହାର ଅଞ୍ଚଳକୁ ଚାଲାଣ କରୁଛନ୍ତି। ୨ ମାସ ହେବ ଏଭଳି ଚୋରା ଚାଲାଣ କରାଯାଉଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉ ନ ଥିବା ଯୋଗୁ ଜଙ୍ଗଲ ପଦା ହେବାକୁ ବସିଲାଣି। କାଠ ମାଫିଆମାନେ ବନ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତ କରି ଏଭଳି ଚୋରା ଚାଲାଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଧଣ୍ଡାତପା ରେଞ୍ଜର ରାହାସ ସାହୁ କହିଛନ୍ତି, ଜଙ୍ଗଲ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି।

### ୨ ଘଣ୍ଟା ଏନ୍ଏଚ୍ ଜାମ୍

**ବଣଁରପାଳ, ୧୭।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍କୋ ଥାନା ଅନ୍ତର୍ଗତ ସିପିପି ନିକଟରେ ରବିବାର ଭୋର୍ ସମୟରେ ଏକ ଟ୍ରକ୍ ଏବଂ ଟ୍ରେଲର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘନ କୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଥିବାବେଳେ ପ୍ରାୟ ୨ ଘଣ୍ଟା ଧରି ୫୫ନଂ. ଜାତୀୟ ରାଜପଥ ଜାମ୍ ହୋଇଯାଇଥିଲା। ପୋଲିସ ସହାୟତାରେ ଉଭୟ ଗାଡ଼ି ହଟାଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।

# ନ୍ୟାୟ ମାଗିଲେ ୪ର୍ଥ ଶ୍ରେଣୀ କର୍ମଚାରୀ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ କର୍ମକର୍ତ୍ତାମାନେ।

**ଛେଣ୍ଡିପଦା, ୧୭।୧(ସ୍ୱ.ପ୍ର.)**

**ସରକାରୀ ମାନ୍ୟତା, ଦରମା ଦାବି**

ଅନୁଗୋଳ ଜିଲାର ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ସୁଇପର, ପିଅନ, ରାତ୍ର ଜଗୁଆଳିମାନେ ସରକାରୀ ମାନ୍ୟତା ସହ ନିର୍ଦ୍ଧାରିତ ବେତନ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ରବିବାର ଛେଣ୍ଡିପଦା ବ୍ଲକ କୁକୁରପେଟା ଡ୍ୟାମ୍ ନିକଟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେମାନେ ନିଜର ଦାବି ଉଠାଇଛନ୍ତି।

ଅଭିଯୋଗ ଅନୁଯାୟୀ, ୧୯୫୨ରେ ସରକାର ପ୍ରତି ପଞ୍ଚାୟତରେ ଜଣେ ପିଅନ, ସୁଇପର ଏବଂ ରାତ୍ର ଜଗୁଆଳି ବ୍ୟବସ୍ଥା କରିଛନ୍ତି। ଏହି ବ୍ୟବସ୍ଥାକୁ ୭୦ ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ସରକାରୀ ମାନ୍ୟତା ମିଳୁନାହିଁ। ଏ ସଂକ୍ରାନ୍ତରେ ଅନେକଥର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟ ଏପରି କି ଭତ୍ତା ବଣ୍ଟନରେ ସହାୟତା କରୁଛନ୍ତି। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ସେମାନଙ୍କୁ ସ୍ୱଳ୍ପ ପାରିଶ୍ରମିକ ଦେଉଛନ୍ତି। ଏଥିରେ ପରିବାର ଚଳାଇବା କଷ୍ଟକର ହେଉଛି। ସରକାର ଦାବି ବିଷୟରେ ଚିନ୍ତା ନ କଲେ ସପରିବାର ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘର ସଭାପତି ପ୍ରଶାନ୍ତ ସାହୁ, ସମ୍ପାଦକ ଅଭିମନ୍ୟୁ ଦେହୁରୀ, କୋଷାଧକ୍ଷ ନରୋତ୍ତମ ସାହୁ, ଭଜମନ ପ୍ରଧାନ, ଶଙ୍କର୍ଷଣ ସୁବୁଦ୍ଧି, କାର୍ତ୍ତିକେଶ୍ୱର ସାହୁ, ଶଶିଭୂଷଣ ସାହୁ, ମାଧବ ଚରଣ ସାହୁ, ବୀରେନ୍ଦ୍ର ରାଉଳ, ନାରଣ ବିଶ୍ୱାଳ, ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲାର ୮ ବ୍ଲକ ଅନ୍ତର୍ଗତ ସଂଘର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

**ଅନୁଗୋଳ ଅଫିସ, ୧୭।୧**

ଅନୁଗୋଳ ସହର ଉପକଣ୍ଠ ଛେଳିଆପଡ଼ାରେ ରବିବାର ସନ୍ଧ୍ୟାରେ ଉକ୍ତ ଅଞ୍ଚଳର ସିଦ୍ଧାର୍ଥ ସାହୁ(୨୧)ଙ୍କୁ ନାଥସାହି ଲୋକମାନେ ସଂଘବଦ୍ଧ ଆକ୍ରମଣ କରିଥିବା ସଦର ଥାନାରେ ଅଭିଯୋଗ ହୋଇଛି। ସିଦ୍ଧାର୍ଥଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବାବେଳେ ହାତ ଭାଙ୍ଗିଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ପରିବାର ପକ୍ଷରୁ ଏ ନେଇ ଏତଲା ପରେ ପୋଲିସ ତନାଘନା ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଛେଳିଆପଡ଼ା କୁଶୁବଣିଆ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ସ୍ଥାନୀୟ ଯୁବକମାନେ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। ଫାଇନାଲ ମ୍ୟାଚ୍ ସରିବା ପରେ ନାଥ ସାହିର ଲୋକମାନେ ଟେଣ୍ଟ ନ ଖୋଲିବାକୁ କହିଥିଲେ। ସିଦ୍ଧାର୍ଥ ଟେଣ୍ଟ ଖୋଲିବାକୁ ଯିବାରୁ ନାଥ ସାହିର ୮ ଜଣ ଯୁବକ ଆକ୍ରମଣ କରିଥିଲେ। ଖେଳ ଆୟୋଜନ କରିଥିବା ଯୁବକମାନେ ସିଦ୍ଧାର୍ଥଙ୍କୁ ଉଦ୍ଧାର ମେଡିକାଲରେ ଭର୍ତ୍ତି କରିଥିଲେ। ଖବରପାଇ ସଦର ଥାନା ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ନିଖୋଜ ଶିଶୁଙ୍କୁ ଖୋଜିବାକୁ ଆଜିଠୁ ଅଭିଯାନ

**ଅନୁଗୋଳ ଅଫିସ, ୧୭।୧**



- ବଛା ବଛା ପୋଲିସଙ୍କୁ ନେଇ ଟିମ୍ ଗଠନ
- ବିଭିନ୍ନ ଥାନାରୁ ମଗାଯାଉଛି ରିପୋର୍ଟ
- ରାଜ୍ୟ ବାହାରକୁ ଯିବ ସ୍ୱତନ୍ତ୍ର ଟିମ୍

ରାଜ୍ୟରୁ ନିଖୋଜ ଥିବା ହଜାର ହଜାର ଶିଶୁଙ୍କୁ ଖୋଜିବାକୁ ପୋଲିସ ମହାନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିବାରୁ ଅନୁଗୋଳ ଜିଲା ପୋଲିସ ସଜାଗ ହୋଇଉଠିଛି। ଜିଲାରୁ ନିଖୋଜ ହୋଇଯାଇଥିବା ଶିଶୁମାନଙ୍କୁ ସୋମବାର ଠାରୁ ଖୋଜିବାକୁ ପୋଲିସ ପକ୍ଷରୁ ଅଭିଯାନ ଆରମ୍ଭ କରାଯିବାକୁ ପ୍ରସ୍ତୁତି ହୋଇଛି। ଆବଶ୍ୟକ ପଡ଼ିଲେ ରାଜ୍ୟ ବାହାରକୁ ପୋଲିସ ଯିବ ବୋଲି ଖବର ମିଳିଛି। ତେବେ ଜିଲାରୁ କେତେ ଶିଶୁ ନିଖୋଜ ରହିଛନ୍ତି ଏବଂ କେଉଁ ସ୍ଥାନକୁ କେତେ ପୋଲିସ ଟିମ୍ ଯିବ ସେ ନେଇ ଚୂଡ଼ାନ୍ତ ହୋଇପାରି ନାହିଁ। ରବିବାର ରାତି ପର୍ଯ୍ୟନ୍ତ ବିଭିନ୍ନ ଥାନାକୁ ରିପୋର୍ଟ ମଗାଯାଉଥିବା ସୂଚନା ମିଳିଛି। ତେବେ ଯାହା ଜଣାପଡ଼ିଛି, ନିଖୋଜ ଥିବା ଶିଶୁଙ୍କ ତାଲିକା ବେଶ ଲମ୍ବା। ସେଥିମଧ୍ୟରୁ କେତେଜଣ ଘରକୁ ଫେରିଥିବାବେଳେ ଆଉ କେତେଜଣ କେଉଁଠି ଓ କିପରି ଅବସ୍ଥାରେ ଅଛନ୍ତି ତାହାର କୌଣସି ପତ୍ତା ମିଳୁନାହିଁ। ତଥାପି ପୋଲିସ ପକ୍ଷରୁ ସେମାନଙ୍କୁ ଖୋଜି ଆଣିବା ପାଇଁ ପ୍ରସ୍ତୁତି ଜାରି ରହିଛି। ଏ ନେଇ ଜିଲାର ବଛା ବଛା ପୋଲିସ ଅଫିସରଙ୍କୁ ଚୟନ କରାଯାଇ ସ୍ୱତନ୍ତ୍ର ଟିମ୍ ଗଢ଼ାଯାଇଛି। ଏହି ଟିମ୍ ସୋମବାର ବିଭିନ୍ନ ସ୍ଥାନକୁ ଗସ୍ତ କରିବ ବୋଲି ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ପରପାରିରେ ପଦ୍ମଚରଣ ଧଳ

**ଢେଙ୍କାନାଳ ଅଫିସ, ୧୭।୧**



ପଦ୍ମଚରଣ ଧଳ।

ଢେଙ୍କାନାଳର ବିଶିଷ୍ଟ ଆଇନଜୀବୀ ତଥା କମ୍ୟୁନିଷ୍ଟ ନେତା ପଦ୍ମଚରଣ ଧଳଙ୍କ ରବିବାର ପରଲୋକ ହୋଇଯାଇଛି। ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଅମଲାପଡ଼ାସ୍ଥିତ ବାସଭବନରେ ରବିବାର ସକାଳ ୭ଟା ୧୫ରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୯୪ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସୂଚନା ପାଇ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ପଦ୍ମଚରଣଙ୍କ ବିୟୋଗରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେ ଜଣେ ସ୍ପଷ୍ଟବାଦୀ, ନିର୍ଭୀକ ବ୍ୟକ୍ତି ଥିଲେ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶାନ୍ତ ମିଶ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ସିଭିଲ କୋର୍ଟ ପରିସରକୁ ନିଆଯାଇଥିଲେ। ସେଠାରେ ଓକିଲ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ଆଇନଜୀବୀ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମରଶରୀରକୁ ପୈତୃକ ଗ୍ରାମ ଗଞ୍ଜୋଇଡ଼ିହି ଏବଂ ସେଠାରୁ ଅନ୍ତିମ ସଂସ୍କାର ପାଇଁ ସ୍ୱର୍ଗଦ୍ୱାର ନିଆଯାଇଥିଲା।

ଜଣେ ସଙ୍ଗଠକ ଭାବେ ପଦ୍ମଚରଣ ପରିଚିତ ଥିଲେ। ଢେଙ୍କାନାଳ ଆଇନ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି, ଅକ୍ଷମ କଲ୍ୟାଣ ସମିତିର ସଭାପତି ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ପବ୍ଲିକ ପ୍ରସିକ୍ୟୁଟର ଭାବେ କାର୍ଯ୍ୟ କରି ସବୁ ମହଲରେ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ତାଙ୍କ ବିୟୋଗରେ ବସ୍‌ଷ୍ଟାଣ୍ଡ ଅମଲପଡ଼ା ଲକ୍ଷ୍ମୀପୂଜା କମିଟି କର୍ମକର୍ତ୍ତାଙ୍କ ସମେତ ସହରର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ମୂର୍ତ୍ତି ନିଶାରେ ମୁନା

**ପରଜଙ୍ଗ, ୧୭।୧(ଡି.ଏନ.ଏ.)**

- କାରିଗରି ପାଇଁ ଚାକିରିକୁ କଲେ ପର
- ଯୁବପିଢ଼ିଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟ
- ସପ୍ତାହକୁ ୨ ଦିନ ଦେଉଛନ୍ତି ମାଗଣା ପ୍ରଶିକ୍ଷଣ



ଏକ ପ୍ରତିମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ମୁନା।

ମାଟି ହେଉ କି ମାର୍ବଲ। ବ୍ରୋଞ୍ଜ ହେଉ କି ଗ୍ରାନାଇଟ୍ ଅବା ଫାଇଭର। ତାଙ୍କ ହାତ ସ୍ପର୍ଶରେ ଜୀବନ୍ତ ରୂପ ନିଏ ନିର୍ଜୀବ ସାମଗ୍ରୀ। ପେନ୍‌ସିଲ ଧରି ଗାରେଇ ଦେଲେ ଝଲସି ଉଠେ ଅବିକଳ ମୁହଁଟେ। ସହର ଗଳିରେ ଝଟକୁଥିବା ମହାପୁରୁଷ ହୁଅନ୍ତୁ ଅବା ଶ୍ମଶାନରେ ସ୍ମୃତିରକ୍ଷା ପାଇଁ ସ୍ମାରକୀ। ସବୁଠି ତାଙ୍କ ହାତ ତିଆରି କଳା କାରିଗରିର ଝଲକ। ଅନାୟାସରେ ମାଟିକୁ ଜୀବନ୍ୟାସ ଦେଇପାରୁଥିବା ଏଭଳି ଜଣେ କାରିଗର ହେଲେ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାଗିହାପୁର ଗ୍ରାମର ମାନସ ରଞ୍ଜନ ସାହୁ ଓରଫ୍ ମୁନା। ନିଜ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରିବାକୁ ଲକ୍ଷ୍ୟ ରଖିଥିବା ଏହି ଯୁବ ଶିଳ୍ପୀଙ୍କୁ ନେଇ ଏବେ ଅଞ୍ଚଳରେ ଚର୍ଚ୍ଚା।

ପିଲାଟି ଦିନରୁ ମାଟି-କାଦୁଅ, ପେନ୍‌ସିଲ-କାଗଜ ସହ ବନ୍ଧୁ ବାନ୍ଧିଥିବା ମୁନା ସମୟକ୍ରମେ ଏବେ ପ୍ରତିଷ୍ଠିତ ମୂର୍ତ୍ତି କାରିଗର। ସ୍କୁଲ ଦିନରୁ ନିଜ ସାଙ୍ଗସାଥିଙ୍କୁ ଦେଖି ମାତ୍ର କେଇ ମିନିଟ୍ ମଧ୍ୟରେ ସେ ଆଙ୍କି ଦେଉଥିଲେ ଅବିକଳ ଚିତ୍ର। ସହପାଠୀ, ବନ୍ଧୁବାନ୍ଧବଙ୍କଠାରୁ ସାଉଁଟୁଥିଲେ ଢେର ପ୍ରଶଂସା, ଯାହା ତାଙ୍କୁ ଏତେବାଟ ଆଣିପାରିଛି। ମୁନାଙ୍କ ଶିକ୍ଷାଗତ ଯୋଗ୍ୟତା ଭିଜୁଆଲ ଆର୍ଟରେ ସ୍ନାତକ। ଗାଁ ସ୍କୁଲରେ ମାଟ୍ରିକ୍, ନାଲ୍କୋନଗରରେ ଯୁକ୍ତ ଦୁଇ, ପବିତ୍ରନଗରରେ ଯୁକ୍ତ ୩ପାସ୍ କରିବା ପରେ ଭୁବନେଶ୍ୱରସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟରେ ସେ ନାମ ଲେଖାଇଥିଲେ। ୨୦୧୭ରେ ସେଠାରୁ ପାସ୍ କରି ନିଜ ଉଦ୍ୟମରେ ନିଜ ନାମରେ ଆରମ୍ଭ କରିଥିଲେ 'ମୁନା ଫାଇନ୍ ଆର୍ଟ'। ଏହି ସମୟରେ ଅନୁଗୋଳ ଜିଲା ମୂକବଧିର ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ଭାବେ ୩ ମାସ ଚାକିରି କରିଥିଲେ। ହେଲେ ମାଟି ମୋହ ତାଙ୍କୁ ପୁଣି ଟାଣି ଆଣିଥିଲା ଗାଁକୁ। ଏହାପରେ ସେ ପୁନର୍ବାର ମୂର୍ତ୍ତିଗଢ଼ିବା ଆରମ୍ଭ କଲେ। ମାର୍ବଲ, ବ୍ରୋଞ୍ଜ, ଗ୍ରାନାଇଟ୍, ଫାଇବର ପ୍ରତିମୂର୍ତ୍ତି ଅର୍ଡର ରଖିବା ସହ ଲୋକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇବାକୁ ଲାଗିଲେ। ଫଳରେ ଖୁବ୍ କମ୍ ଦିନରେ ସେ ଜିଲାରେ ପରିଚିତ ହୋଇପାରିଛନ୍ତି। ମୁନାଙ୍କ ହାତତିଆରି ମୂର୍ତ୍ତିର ଦାମ ୫୦୦୦ରୁ ଆରମ୍ଭ କରି ୪୦,୦୦୦ ଟଙ୍କା ଯାଏ ରହିଛି। ଗ୍ରାମର ୪-୫ ଜଣଙ୍କୁ ଏହି କାମରେ ନିୟୋଜିତ କରି ରୋଜଗାରକ୍ଷମ କରାଇପାରିଛନ୍ତି। କଳାକାରିଗରି ପ୍ରତି ରୁଚି ରଖୁଥିବା ଛାତ୍ରୀଛାତ୍ରଙ୍କୁ ସପ୍ତାହରେ ଦୁଇଦିନ ଦେୟମୁକ୍ତ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି।

ଏ ସଂକ୍ରାନ୍ତରେ ମୁନା କୁହନ୍ତି, କଳାର ଆଦର ସବୁବେଳେ ରହିଛି। ବିଶେଷ କରି ଗ୍ରାମାଞ୍ଚଳରେ ମୂର୍ତ୍ତିକାରଙ୍କ ଆଦର ସ୍ୱତନ୍ତ୍ର। ପ୍ରୋତ୍ସାହନ ମିଳିଲେ ବହୁ ଯୁବତୀଯୁବକ ରୋଜଗାରକ୍ଷମ ହୋଇପାରନ୍ତେ। ଏଥିଲାଗି ସରକାର ଗୁରୁତ୍ୱଦେବା ଆବଶ୍ୟକ।

